# ଶୁଣରେ ଶୁଣ
# ଶ୍ରେଷ୍ଠ
# ଅମର କାହାଣୀ





ବାପା ଶୁଣ !
ରାଜୁ, ମୁନ୍‌ମୁନ୍ ! ତୁମ୍ଭେମାନେ କ'ଣ କହୁଛ ?
ତୁମେ ଦିନେ ଆମକୁ ଗୋଟାଏ ଶ୍ରେଷ୍ଠ କାହାଣୀ କହିବ ବୋଲି କହିଥିଲ ? ମନେ ଅଛି !
ଠିକ୍ କହିଛ ! ସେହି ଶ୍ରେଷ୍ଠ କାହାଣୀଟି ଲେଖାଯାଇଛି ସବୁଠାରୁ ଶ୍ରେଷ୍ଠ ପୁସ୍ତକ ବାଇବଲରେ ! ବାଇବଲ ହେଉଛି, ଇଶ୍ୱରଙ୍କ ପୁସ୍ତକ ।
ବାଇବଲର କାହାଣୀ ?
ଏଇଟା କେବଳ କାହାଣୀ ନୁହେଁ; ମାତ୍ର ମଣିଷ ପାଇଁ ଇଶ୍ୱର ଯେଉଁ ଯୋଜନା କରିଥିଲେ, ତା'ର ସତ୍ୟ ବିବରଣୀ
ଆମେ କିପରି ଜାଣିବା ବାଇବଲ ହେଉଛି ଇଶ୍ୱରଙ୍କ ପୁସ୍ତକ ?


ବାପା, ଈଶ୍ୱର କ'ଣ କେବେ ବହି ଲେଖିଛନ୍ତି ?
ନା ରାଜୁ, ଈଶ୍ୱର ୪୦ ଜଣ ବିଭିନ୍ନ ଲୋକମାନଙ୍କୁ ଏହି ପୁସ୍ତକଟି ଲେଖିବାରେ ବ୍ୟବହାର କରିଥିଲେ । ପ୍ରାୟ ୧୫୦୦ ବର୍ଷ ମଧ୍ୟରେ ସେମାନେ ଏହା ଲେଖିଥିଲେ । ବାଇବଲରେ ରହିଛି ୬୬ଟି ପୁସ୍ତକ ଓ ସେ ସବୁଗୁଡ଼ିକର ପରସ୍ପର ସହିତ ଆଶ୍ଚର୍ଯ୍ୟ ମେଳ ଅଛି । କେବଳ ଈଶ୍ୱର ହିଁ ତାହା କରି ପାରନ୍ତି ।
ଆଚ୍ଛା ବାପା ! ଈଶ୍ୱର କିଏ ?
ଈଶ୍ୱର ଆମର ସ୍ୱର୍ଗସ୍ଥ ପିତା । ସେ ଆମର ଯତ୍ନ ନିଅନ୍ତି, ପ୍ରାର୍ଥନା କଲେ ଉତ୍ତର ଦିଅନ୍ତି । ସେ ପବିତ୍ର ଓ ଶୁଦ୍ଧ । ଆମେ ତାଙ୍କୁ ଦେଖି ନ ପାରିଲେ ମଧ୍ୟ ସେ ସବୁ ଦେଖନ୍ତି, ଜାଣନ୍ତି ଏବଂ ସବୁ କିଛି କରି ପାରନ୍ତି । ଏଥର ବାପାଙ୍କଠାରୁ ଶୁଣ !
ପୂରାକାଳରେ ଈଶ୍ୱର ଆମ ପୃଥିବୀ ଓ ତନ୍ମଧ୍ୟସ୍ଥ ସକଳ ବିଷୟ ସୃଷ୍ଟି କଲେ । ତା'ପରେ ଏକ ବିଶେଷ ସୃଷ୍ଟି କରିବା ପାଇଁ ସେ ଉଦ୍ୟାନଟିଏ ତିଆରି କଲେ ଓ ତା'ର ନାମ ଦେଲେ ଏଦନ ।
ସେ ବିଶେଷ ସୃଷ୍ଟି ହେଉଛୁ ଆମେ !

# ଆଦମ ଓ ହବାଙ୍କ ସୃଷ୍ଟି

*ଆଦି ପୁସ୍ତକ ୧,୨*

ଈଶ୍ୱର କହିଲେ, ''ଆମ ସାଦୃଶ୍ୟରେ ଆମେ ମନୁଷ୍ୟ ସୃଷ୍ଟି କରିବା, ଯେପରି ଆମପରି ସେ ହେବ ।'' ତହୁଁ ପ୍ରଭୁ ପରମେଶ୍ୱର ଭୂମିର ଧୂଳିରୁ ଏକ ପୁରୁଷର ଶରୀର ତିଆରି କଲେ ଏବଂ ତା' ନାକରେ ଫୁଙ୍କ ଦେଇ ପ୍ରାଣବାୟୁ ପୂରାଇଲେ । ତହିଁରେ ପୁରୁଷଟି ଏକ ଜୀବନ୍ତ ବ୍ୟକ୍ତି ହେଲା ।

''ଧୂଳିରୁ ତିଆରି କଲେ'' ?

ହଁ ରାଜୁ, ''ଈଶ୍ୱର ସବୁକିଛି କରି ପାରନ୍ତି ।''

ତା'ପରେ ଈଶ୍ୱର କହିଲେ, ''ଏକାକୀ ରହିବା ମନୁଷ୍ୟ ପାଇଁ ଭଲ ନୁହେଁ । ତାକୁ ସାହାଯ୍ୟ କରିବା ପାଇଁ ମୁଁ ତା' ନିମନ୍ତେ ଗୋଟିଏ ସଙ୍ଗିନୀ ତିଆରି କରିବି ।'' ତେଣୁ ପ୍ରଭୁ ପରମେଶ୍ୱର ଆଦମଙ୍କୁ ଘୋର ନିଦରେ ଶୁଆଇଦେଲେ । ତାପରେ ସେ ଆଦମର ପଞ୍ଜରାରୁ ହାଡଟିଏ ନେଇ ସେହି ପଞ୍ଜରାହାଡ଼ରୁ ଏକ ନାରୀକୁ ଗଢିଲେ ।

ଈଶ୍ୱର ସେହି ନାରୀ 'ହବା'ଙ୍କୁ ଆଦମଙ୍କ ପାଖକୁ ଆଣିଲେ । ହବା ତାଙ୍କର ସ୍ତ୍ରୀ ହେଲେ ।

ଉଦ୍ୟାନର ମଝିରେ ଈଶ୍ୱର ଜୀବନ ବୃକ୍ଷ ଏବଂ ସତ୍‌ଅସତ୍ ଜ୍ଞାନଦାୟକ ବୃକ୍ଷ ସ୍ଥାପନ କଲେ । କିନ୍ତୁ ପ୍ରଭୁ ପରମେଶ୍ୱର ମନୁଷ୍ୟକୁ ସତର୍କ କରାଇ କହିଲେ : ''ତୁମେ ସତ୍ ଅସତ୍ ଜ୍ଞାନଦାୟକ ଫଳ ବ୍ୟତୀତ ଉଦ୍ୟାନର ଯେ କୌଣସି ଫଳ ସ୍ୱଚ୍ଛନ୍ଦରେ ଖାଇ ପାରିବ । କିନ୍ତୁ ତୁମେ ଯଦି ସେହି ଫଳ ଖାଇବ, ତାହେଲେ ନିଶ୍ଚୟ ମରିବ ।''

ଆଦମ ଏବଂ ହବା ଅତି ସୁଖରେ ଉଦ୍ୟାନରେ ବାସ କଲେ । ସେମାନେ ଈଶ୍ୱରଙ୍କର ଅତି ଘନିଷ୍ଠ ଥିବାରୁ ତାଙ୍କର ସାନ୍ନିଧ ଓ ସଙ୍ଗ ଉପଭୋଗ କରିବାକୁ ଲାଗିଲେ ।

କିନ୍ତୁ ଦିନେ କ'ଣ ହେଲା...





# ଆଦମ ଓ ହବା ପାପ କଲେ

*ଆଦିପୁସ୍ତକ ୩ ପର୍ବ*

ଈଶ୍ୱରଙ୍କ ଶତ୍ରୁ ଶୟତାନ ସର୍ପ ବେଶ ଧାରଣ କଲା । ଆଦମ ହବା ଈଶ୍ୱରଙ୍କ ସଙ୍ଗରେ ଥାଇ ତାଙ୍କର ଆଜ୍ଞା ପାଳନ କରନ୍ତୁ ବୋଲି ସେ ଆଦୌ ଇଚ୍ଛା କରୁ ନ ଥିଲା ।

ସେ ହବାଙ୍କୁ ପଚାରିଲା, ‘‘ଈଶ୍ୱର କ’ଣ ସତରେ ତୁମ୍ଭମାନଙ୍କୁ କହିଛନ୍ତି ଏହି ଉଦ୍ୟାନସ୍ଥିତ କୌଣସି ଫଳ ତୁମ୍ଭେମାନେ ଖାଇବ ନାହିଁ ?’’

ହବା ତାହାକୁ କହିଲା, ‘‘କେବଳ ଉଦ୍ୟାନର ମଧ୍ୟ ସ୍ଥଳରେ ଥିବା ଗଛଟିର ଫଳ ଖାଇବାକୁ ଆମ୍ଭମାନଙ୍କୁ ଅନୁମତି ଦିଆଯାଇ ନାହିଁ । ଈଶ୍ୱର କହିଛନ୍ତି ଆମେ ତାହା ଖାଇବୁ ନାହିଁ କିମ୍ୱା ଛୁଇଁବୁ ମଧ୍ୟ ନାହିଁ, ନଚେତ୍ ଆମେ ନିତାନ୍ତ ମରିବୁ ।’’


ସର୍ପ ଉତ୍ତର ଦେଲା, ତୁମେ କଦାପି ମରିବ ନାହିଁ !
ତୁମ୍ଭେମାନେ... ଠିକ୍ ଈଶ୍ୱରଙ୍କ ପରି ହୋଇଯିବ ।

ସେଥିରେ ହବା ରାଜି ହୋଇଗଲା । ଫଳଟି ତାଙ୍କୁ ବଡ ସତେଜ ଓ ସୁସ୍ୱାଦୁକର ଦିଶିଲା, ପୁଣି ତାହା ତାଙ୍କୁ ଅତି ଜ୍ଞାନୀ କରିଦେବ ଯେ ! ତେଣୁ ସେ...

‘‘ନାଁ ନାଁ ତୁମେ ମୋତେ ଖାଅନା ହବା !’’

ରାଜୁ ତୋର ପରାମର୍ଶ ଉତ୍ତମ ! କିନ୍ତୁ ହବା ନିଜେ ଖାଇଲେ ଓ ଆଦମ ମଧ୍ୟ ଖାଇଲେ ଏବଂ ଅବାଧ୍ୟ ହୋଇ ପାପ କଲେ ।

ଖାଇବା କ୍ଷଣି ସେମାନେ ଭୟଭୀତ ହୋଇ ପଡ଼ିଲେ ଓ ଈଶ୍ୱର ଉଦ୍ୟାନକୁ ବୁଲିବା ପାଇଁ ଆସିବାବେଳେ ସେମାନେ ଲୁଚିଲେ । ତେଣୁ ଈଶ୍ୱର ସେମାନଙ୍କୁ ଏଦନ ଉଦ୍ୟାନରୁ ବାହାର କରିଦେଲେ ।


ସେମାନଙ୍କୁ ବାହାର କରିଦେଲେ ? ଈଶ୍ୱର କ'ଣ ସେମାନଙ୍କୁ ଆଉ ପ୍ରେମ କଲେ ନାହିଁ ?
ମୁଁ ଶୟତାନର କଥା ମୋଟେ ଶୁଣି ନ ଥାନ୍ତି ।
ସେମାନେ ଈଶ୍ୱରଙ୍କୁ ଆଉ କେବେ ଦେଖିଲେ ?
ଧୈର୍ଯ୍ୟ ଧରି ଶୁଣ ! ଈଶ୍ୱର ତଥାପି ସେମାନଙ୍କୁ ପ୍ରେମ କଲେ । ଈଶ୍ୱର ପାପକୁ ଘୃଣା କରନ୍ତି ଏବଂ ପାପ ଆମ୍ଭମାନଙ୍କୁ ଈଶ୍ୱରଙ୍କଠାରୁ ପୃଥକ୍ କରିଦିଏ ।
ତା'ହେଲେ ଈଶ୍ୱର ସେ ଗଛଟିକୁ କାହିଁକି ସେଠାରେ ଲଗାଇଥିଲେ ?


ଈଶ୍ୱର ଆଦମ ଓ ହବାଙ୍କୁ ପ୍ରେମ କରୁଥିଲେ । ସେ ଚାହୁଁଥିଲେ ଯେପରି ସେମାନେ ସ୍ୱେଚ୍ଛାରେ ତାଙ୍କୁ ପ୍ରେମ କରିବେ ଓ ତାଙ୍କର ଆଜ୍ଞା ପାଳନ କରିବେ; କିନ୍ତୁ ସେମାନେ ଅବାଧ ହେବାକୁ ବଂର ଅଧିକ ପସନ୍ଦ କଲେ । ଈଶ୍ୱରଙ୍କଠାରୁ ପୃଥକ ହେବା ଯେ କେତେ ଭୟାନକ, ସେମାନେ ତାହା ଜାଣି ନ ଥିଲେ ।
ସେମାନେ ପାପ କରିବାକୁ ପସନ୍ଦ କରିବାରୁ, ତାଙ୍କ ପରେ ଯେତେଜଣ ଜନ୍ମ ଲାଭ କଲେ ସେ ସମସ୍ତେ ଜନ୍ମରୁ ପାପୀ ହେଲେ ଏବଂ ଈଶ୍ୱରଙ୍କଠାରୁ ମଧ୍ୟ ପୃଥକ ହେଲେ ।
ତା'ମାନେ ସେମାନଙ୍କ ଲାଗି ଆମେ ମଧ୍ୟ କ'ଣ ଈଶ୍ୱରଙ୍କଠାରୁ ପୃଥକ ? ଏଇଟା କିନ୍ତୁ ଅନ୍ୟାୟ !
ନାଁ ରାଜୁ କେବଳ ସେମାନଙ୍କ ପାଇଁ ନୁହେଁ, ମାତ୍ର ଆମେ ସମସ୍ତେ ଭୁଲ କାମ କରି ପାପ କରୁ । କିନ୍ତୁ ନିଜ ସହିତ ପୁର୍ନମିଳିତ କରାଇବା ପାଇଁ ଈଶ୍ୱର ଏକ ସୁନ୍ଦର ଯୋଜନା ମଧ୍ୟ ପ୍ରସ୍ତୁତ କରିଥିଲେ । ଆମ୍ଭମାନଙ୍କ ପାପ ସକାଶେ ମୃତ୍ୟୁଭୋଗ କରିବା ପାଇଁ ସେ ଆବଶ୍ୟକ କରୁଥିଲେ ଜଣେ ସିଦ୍ଧ ପୁରୁଷଙ୍କୁ ।
ଯେତେବେଳେ ସବୁକିଛି ପ୍ରସ୍ତୁତ ହୋଇ ସାରିଲା, ଈଶ୍ୱର ତାଙ୍କ ଯୋଜନାକୁ କାର୍ଯ୍ୟକାରୀ କଲେ । ତାହା ଆରମ୍ଭ ହେଲା ଏକ ଶିଶୁଠାରୁ ।



# ଯୀଶୁଙ୍କ ଜନ୍ମ

*ମାଥିଉ ୧; ଲୂକ ୨*

ଈଶ୍ୱର ନିଜର ପୁତ୍ରଙ୍କୁ ସାନ ଶିଶୁ ରୂପେ ମରିୟମଙ୍କୁ ଦେଲେ । ଶିଶୁଟିର ଯତ୍ନ ନେବା ପାଇଁ ମରିୟମଙ୍କୁ ସାହାଯ୍ୟ କରିବା ସକାଶେ ସେ ଯୋଷେଫଙ୍କୁ ବାଛିଲେ । ଶିଶୁଟି ଈଶ୍ୱରଙ୍କର ପୁତ୍ର ହୋଇଥିବାରୁ ସେ ପାପଶୂନ୍ୟ ହୋଇ ଜନ୍ମ ନେଲା ।

**ଈଶ୍ୱରଙ୍କର ଜଣେ ଦୂତ ଯୋଷେଫଙ୍କୁ ସ୍ୱପ୍ନରେ ଦର୍ଶନ ଦେଇ କହିଲେ, ''ମରିୟମଙ୍କର ଏକ ପୁତ୍ର ହେବ ଏବଂ ତୁମେ ତାର ନାମ ଯୀଶୁ ଦେବ, କାରଣ ସେ ଆପଣା ଲୋକମାନଙ୍କୁ ସେମାନଙ୍କର ପାପରୁ ଉଦ୍ଧାର କରିବେ ।'' (''ଯୀଶୁ''** ଶବ୍ଦର ଅର୍ଥ ପ୍ରଭୁ ରକ୍ଷା କରନ୍ତି)

ଶିଶୁଟି ଜନ୍ମହେବା ଠିକ୍ ପୂର୍ବରୁ ଯୋଷେଫ ଏବଂ ମରିୟମଙ୍କୁ ବେଥଲିହିମ ଯିବାକୁ ପଡ଼ିଲା ।



**ସେମାନେ ସେହିଠାରେ ରହିଥିବା ସମୟରେ ମରିୟମ ତାଙ୍କର ପ୍ରଥମ ସନ୍ତାନ ସ୍ୱରୂପେ ଏକ ପୁତ୍ରଙ୍କୁ ପ୍ରସବ କଲେ ।**

ସେହିଦିନ ରାତ୍ରିରେ ବେଥଲିହମ ଗ୍ରାମ ବାହାରେ, ଦଳେ ମେଷପାଳକ ନିଜର ମେଷପଲ ଜଗିଥିଲେ । ଈଶ୍ୱର ତାଙ୍କ ପୁତ୍ରଙ୍କର ଜନ୍ମ ସମ୍ବାଦ ସେହିମାନଙ୍କୁ ଜଣାଇବା ନିମନ୍ତେ ଦୂତମାନଙ୍କୁ ପଠାଇଲେ । ଈଶ୍ୱରଙ୍କ ପୁତ୍ର ଏକ ସାନ ଶିଶୁ ରୂପେ ଜନ୍ମ ହୋଇଥିବାର ଅଦ୍ଭୁତ ଘଟଣା ଦେଖିବାକୁ ସେମାନେ ଆସିଲେ ।

''ପିଲାମାନେ, ତୁମପରି ଯୀଶୁ ବଢିବାକୁ ଲାଗିଲେ'' ।

''ବାପା, ସେ କ'ଣ ସ୍କୁଲକୁ ଯାଉଥିଲେ ? ଏବଂ ଆମପରି ଖେଳୁଥିଲେ ?''

''ହଁ, ରାଜୁ, ସେ ମଧ୍ୟ ପିତାମାତାଙ୍କର ବାଧ୍ୟ ହେଉଥିଲେ ଏବଂ ତାଙ୍କର ପ୍ରକୃତ ପିତା ଈଶ୍ୱରଙ୍କର ଆଜ୍ଞା ମଧ୍ୟ ପାଳନ କରୁଥିଲେ ।''

''ତଥାପି ସେ କେବେହେଲେ ପାପ କରି ନ ଥିଲେ ।''

# ଶିକ୍ଷାଦାତା ଯୀଶୁ

*ଲୂକ ୨, ମାଥିଉ ୨୨, ଯୋହନ ୩,*

ଯୀଶୁଙ୍କୁ ଯେତେବେଳେ ୧ ୨ ବର୍ଷ ହୋଇଥିଲା ସେ ଯିରୁଶାଲମରେ ଅନେକ ଧର୍ମଗୁରୁମାନଙ୍କ ସହିତ ମିଳାମିଶା କରିଥିଲେ ।

**ସେ ମନ୍ଦିରରେ ଥାଇ ସେମାନଙ୍କ ସହିତ ଗଭୀର ବିଷୟରେ ଆଲୋଚନା କରୁଥିଲେ । ପୁଣି ସେହି ଧର୍ମଗୁରୁମାନେ ତାଙ୍କର ଉତ୍ତର ଶୁଣି ଓ ଗଭୀର ଜ୍ଞାନ ଦେଖି ଚକିତ ହେଉଥିଲେ ।**

**ପ୍ରଭୁଯୀଶୁ ଶରୀରରେ ଓ ଜ୍ଞାନରେ ବୃଦ୍ଧି ପାଇବାକୁ ଲାଗିଲେ ଓ ତହିଁ ସଙ୍ଗେ ସଙ୍ଗେ ଈଶ୍ୱର ଓ ଲୋକମାନଙ୍କ ଦ୍ୱାରା ଆଦୃତ ହେଲେ ।**

ଯେତେବେଳେ ଯୀଶୁ ୩୦ ବର୍ଷ ବୟସ୍କ ହେଲେ, ସେତେବେଳେ ସେ ପ୍ରଚାର କରିବାକୁ ଏବଂ ଶିକ୍ଷା ଦେବାକୁ ଲାଗିଲେ । ଲୋକମାନେ କି ପ୍ରକାରେ ଚିନ୍ତା କରନ୍ତି ଓ କାର୍ଯ୍ୟ କରନ୍ତି ସେ ବିଷୟ ଈଶ୍ୱର ଯେ ଲକ୍ଷ୍ୟ କରନ୍ତି ଏହି କଥା ଶିକ୍ଷା ଦେଇ ସେ ସେମାନଙ୍କୁ କହିଲେ, **''ତୁମେ ପ୍ରଭୁ ଆପଣା ଈଶ୍ୱରଙ୍କୁ ସମସ୍ତ ହୃଦୟ ଓ ମନପ୍ରାଣ ଦେଇ ପ୍ରେମ କର । ଏହାହିଁ ସର୍ବପ୍ରଥମ ଏବଂ ସର୍ବମହତ୍ ଆଜ୍ଞା । ଦ୍ୱିତୀୟ ଆଜ୍ଞାଟି ମଧ୍ୟ ପ୍ରଥମଟି ପରି ସମାନ ଏବଂ ତାହା ହେଉଛି, ପ୍ରତିବାସୀକି ନିଜପରି ପ୍ରେମ କର ।''**

ଯୀଶୁ ଈଶ୍ୱରଙ୍କର ସୁନ୍ଦର ଯୋଜନା ବିଷୟରେ କହିବାକୁ ଲାଗିଲେ ଯେପରିକି ଆମ୍ଭେମାନେ ତାଙ୍କ ନିକଟକୁ ଫେରିଯାଇ ପାରିବୁ ।


ସେ କହିଲେ, **''ଈଶ୍ୱର ଜଗତକୁ ଏପରି ପ୍ରେମ କଲେ ଯେ ସେ ଆପଣା ଅଦ୍ୱିତୀୟ ପୁତ୍ରଙ୍କୁ ଦାନ କଲେ, ତହିଁରେ ଯେ କେହି ତାହାଙ୍କଠାରେ ବିଶ୍ୱାସ କରେ, ବିନଷ୍ଟ ନ ହୋଇ ଅନନ୍ତ ଜୀବନ ପାଇବ ।''**

''ବାପା, ମୁଁ ଯୀଶୁଙ୍କୁ ବିଶ୍ୱାସ କରେ'' ।

''ବାଃ ଖୁବ୍ ଭଲ କଥା, ମୁନ୍‌ମୁନ୍ !''







# ଆରୋଗ୍ୟକାରୀ ଯୀଶୁ

*ମାଥିଉ ୪:୯*

ଈଶ୍ୱର କି ପ୍ରକାର ତାହା ଜାଣିବାକୁ ଯୀଶୁ ଲୋକମାନଙ୍କୁ ସାହାଯ୍ୟ କଲେ । ଈଶ୍ୱର ଯେ ପ୍ରେମମୟ ଏହା ସେ ସେମାନଙ୍କୁ ଶିକ୍ଷା ଦେଲେ । ଲୋକମାନଙ୍କର ସମସ୍ତ ପ୍ରକାର ରୋଗ ବ୍ୟାଧି ସୁସ୍ଥ କରି ସେ ଈଶ୍ୱରଙ୍କର ପ୍ରେମ ପ୍ରକାଶ କଲେ ।

**ସୁସ୍ଥ ହେବା ନିମନ୍ତେ ଅନେକ ରୋଗୀମାନେ ଅବିଳମ୍ବେ ତାଙ୍କ ନିକଟକୁ ଆସିଲେ । ସେମାନଙ୍କ ମଧ୍ୟରେ ଯେଉଁମାନେ ଥିଲେ ଭୂତଗ୍ରସ୍ତ କିମ୍ବା ମୃଗୀରୋଗ, ପକ୍ଷାଘାତ ଅବା ବିଭିନ୍ନ ରୋଗ ଭୋଗୁଥିଲେ, ଯୀଶୁ ସେ ସମସ୍ତଙ୍କୁ ସୁସ୍ଥ କଲେ ।**

ଥରେ ଜଣେ ଶାସନକର୍ତ୍ତା ଯୀଶୁଙ୍କ ସମ୍ମୁଖରେ ଆଣ୍ଠୋଇପଡି ଯୀଶୁଙ୍କୁ ନିବେଦନ କରି କହିଲା,

**''ମୋର ଝିଅଟି ବର୍ତ୍ତମାନ ମରିଗଲା, କିନ୍ତୁ ଆପଣ ଯଦି ଥରଟିଏ ତା'ଉପରେ ଆପଣଙ୍କର ହାତ ରଖନ୍ତେ ତା'ହେଲେ ଆପଣ ତାକୁ ପୁର୍ନଜୀବିତ କରି ପାରନ୍ତେ'' ।**

**ଯୀଶୁ ତାଙ୍କ ସହିତ ଗଲେ ଏବଂ ଝିଅଟିର ହାତ ଧରିଲାକ୍ଷଣି ସେ ଉଠି ଠିଆହେଲା ।**

''ବାପ୍‌ରେ ! ଯୀଶୁ ରୋଗୀମାନଙ୍କୁ ମଧ୍ୟ ସୁସ୍ଥ କଲେ ?''

''ଠିକ୍ କଥା ରାଜୁ, ସେ ଆଜି ମଧ୍ୟ ରୋଗୀମାନଙ୍କୁ ସୁସ୍ଥ କରନ୍ତି । କୌଣସି ବିଷୟ ତାଙ୍କ ପାଇଁ ଅସମ୍ଭବ ନୁହେଁ !''





# ଅଲୌକିକ କାର୍ଯ୍ୟ ସାଧନକାରୀ ଯୀଶୁ

*ମାଥିଉ ୧୪, ଯୋହନ ୬*

''ଯୀଶୁ ଅନ୍ୟ କେତେକ ଆଶ୍ଚର୍ଯ୍ୟ ଓ ବିସ୍ମୟଜନକ କାର୍ଯ୍ୟ କରିଥିଲେ । ସେ ଝଡ ବତାସକୁ ଶାନ୍ତ କରିଥିଲେ, ଏବଂ ପାଣି ଉପରେ ଚାଲିଥିଲେ !''

''ବାପା ଏ ଗୁଡା ନିଶ୍ଚୟ ଖୁବ୍ ରୋମାଞ୍ଚକର ହୋଇଥିବ ନାଁ !''

'ହଁ ରାଜୁ ତୁ ଠିକ୍ କହିଛୁ, ଆଉ ଥରେ କ'ଣ ହୋଇଛି ନାଁ ୫୦୦୦ରୁ ଅଧିକ ଲୋକ ଯୀଶୁଙ୍କ ପଛେ ପଛେ ଯାଉ ଯାଉ ଅନେକ ଦୂରକୁ ଚାଲିଗଲେ । ସନ୍ଧ୍ୟା ହୋଇ ଆସୁଥିବାରୁ ଖାଦ୍ୟ କିଣିବା ପାଇଁ ପଠାଇଦେବା ନିମନ୍ତେ ଶିଷ୍ୟମାନେ ଯୀଶୁଙ୍କୁ ଅନୁରୋଧ କଲେ ।

**ଯୀଶୁ ସେମାନଙ୍କୁ ଉତ୍ତର ଦେଲେ,''ତୁମ୍ଭେମାନେ ସେମାନଙ୍କୁ ଖୁଆଅ ।''**

**ଆନ୍ଦ୍ରିୟ କହିଲେ, ''ପ୍ରଭୁ ଏହିଠାରେ ଜଣେସାନ ପିଲା ଅଛି ଯାହା ପାଖରେ ପାଞ୍ଚୋଟି ଯବ ରୋଟୀ ଓ ଦୁଇଟି ମାଛ ଅଛି, କିନ୍ତୁ ଏତେବଡ ଲୋକ ଗହଳି ପାଇଁ, ସେତିକି ବା କ'ଣ ହେବ ।''**


**ଯୀଶୁ ରୋଟୀ ନେଇ ଈଶ୍ୱରଙ୍କୁ ଧନ୍ୟବାଦ ଦେଲେ ଏବଂ ଲୋକମାନଙ୍କୁ ବାଣ୍ଟିଦେବା ପାଇଁ କହିଲେ । ପରେ ସେ ମାଛକୁ ମଧ୍ୟ ନେଇ ସେ ପ୍ରକାର କଲେ । ଲୋକମାନେ ସମସ୍ତେ ଆକଣ୍ଠ ଭୋଜନ କଲେ ।**

**ତା'ପରେ ଯୀଶୁ ନିଜ ଶିଷ୍ୟମାନଙ୍କୁ କହିଲେ, ''ଯେପରି କିଛି ନଷ୍ଟ ନ ହୁଏ ସେଥିପାଇଁ ଯାହା ବଳି ଯାଇଛି, ସେ ସବୁ ଏକାଠି କର ।''**

**ଆରମ୍ଭରେ ମାତ୍ର ପାଞ୍ଚୋଟି ଯବ ରୋଟୀ ଥିଲା, କିନ୍ତୁ ଲୋକମାନେ ଖାଇ ସାରିବା ପରେ ଯେତିକି ବଳିଗଲା, କେବଳ ସେତିକି ବାର ଟୋକେଇ ହେଲା ।**

''ବାପା, ଖାଇବା ଆରମ୍ଭରୁ ଯେତିକି ଥିଲା, ତାଠାରୁ ଅଧିକ ବଳିଗଲା ?''

''ଠିକ୍ କହିଛୁ ମୁନ୍‌ମୁନ୍ । ଯୀଶୁ ସେଦିନ ସେମାନଙ୍କୁ ଏହି ଶିକ୍ଷା ଦେଲେ ଯେ,ଈଶ୍ୱର ସେମାନଙ୍କର ସମସ୍ତ ଅଭାବ ପୂର୍ଣ୍ଣ କରିପାରନ୍ତି । ଆଜି ମଧ୍ୟ ଆମେ ପ୍ରାର୍ଥନା କଲେ ଈଶ୍ୱର ଆମର ସମସ୍ତ ଅଭାବ ପୂରଣ କରିବେ ।''





# ଯୀଶୁ ଏବଂ ପିଲାମାନେ

*ମାଥିଉ ୧୯, ମାର୍କ ୧୦*

‘‘ଈଶ୍ୱର ଯେ ସାନ ପିଲାମାନଙ୍କୁ ପ୍ରେମ କରନ୍ତି, ପ୍ରଭୁ ଯୀଶୁ ତାହା ପ୍ରକାଶ କଲେ । ସେ ସେମାନଙ୍କୁ ସୁସ୍ଥ କଲେ, ଏପରିକି ମୃତ ପିଲାଙ୍କୁ ମଧ୍ୟ ଜୀବନ ଦେଲେ । ଜଣେ ବାଳକ ଯେପରି ଯୀଶୁଙ୍କୁ ପାଞ୍ଚରୋଟି ଦୁଇମାଛ ଦେଇଥିଲା, ସେହିପ୍ରକାରେ ଯୀଶୁ ଅନେକ ପିଲାଙ୍କର ସାହାଯ୍ୟ ମଧ୍ୟ ଗ୍ରହଣ କରିଥିଲେ ।’’

**ଯୀଶୁ ଯେପରି ପିଲାମାନଙ୍କ ଉପରେ ହାତ ଥୋଇ ତାଙ୍କ ନିମନ୍ତେ ପ୍ରାର୍ଥନା କରି ପାରିବେ ସେଥିସକାଶେ ଅନେକ ପିଲାଙ୍କୁ ତାଙ୍କ ନିକଟକୁ ଅଣାଗଲା । କାଳେ ଯୀଶୁ ବିରକ୍ତ ହେବେ ସେଥିପାଇଁ ପିଲାମାନଙ୍କୁ ଯୀଶୁଙ୍କ ନିକଟକୁ ଆଣିବା ପାଇଁ ଶିଷ୍ୟମାନେ ବାରଣ କଲେ ।**



ଯୀଶୁ ଯେତେବେଳେ ଏକଥା ଶୁଣିଲେ, ସେ କହିଲେ, ''ପିଲାମାନଙ୍କୁ ମୋ ନିକଟକୁ ଆସିବାକୁ ଦିଅ, ସେମାନଙ୍କୁ ମନା କରନାହିଁ । ଯେଉଁମାନଙ୍କର ବିଶ୍ୱାସ ଶିଶୁମାନଙ୍କର ତୁଲ୍ୟ ନୁହେଁ, ସେମାନେ କେବେହେଲେ ଈଶ୍ୱରଙ୍କ ରାଜ୍ୟରେ ପ୍ରବେଶ କରି ପାରିବେ ନାହିଁ ।'' ତା'ପରେ ସେ ପିଲାମାନଙ୍କୁ ନିଜ କୋଳରେ ନେଇ ସେମାନଙ୍କ ମସ୍ତକ ଉପରେ ହାତ ଥୋଇ ଆଶୀର୍ବାଦ କଲେ ।

''ମୁଁ ମଧ୍ୟ ଯୀଶୁଙ୍କଠାରୁ ଆଶୀର୍ବାଦ ପାଇବାକୁ ଚାହେଁ !''

''ହଁ ରାଜୁ ତୁ ନିଶ୍ଚୟ ପାଇବୁ, କାରଣ ଯୀଶୁ ଆଜି ମଧ୍ୟ ସେହିପରି ସମାନ ଏବଂ ଆଜି ମଧ୍ୟ ସେ ପିଲାମାନଙ୍କୁ ସମାନ ଭାବରେ ପ୍ରେମ କରନ୍ତି ।

''ଅବଶ୍ୟ ସମସ୍ତେ ଯେ ତାଙ୍କୁ ଭଲ ପାଉଥିଲେ ତା' ନୁହେଁ । ତାଙ୍କର ଶିକ୍ଷାଶୁଣି ଓ ଅଲୌକିକ କାର୍ଯ୍ୟ ଦେଖି କେତେକ ଧର୍ମଗୁରୁ ତାଙ୍କ ପ୍ରତି ଈର୍ଷା କଲେ । ଅନେକ ଲୋକ ତାଙ୍କୁ ଭଲ ପାଉଥିଲେ ବୋଲି ସେମାନେ ତାଙ୍କ ପ୍ରତି ମନେ ମନେ ରାଗୁଥିଲେ । ତେଣୁ ତାଙ୍କୁ ମାରିବା ପାଇଁ ସେମାନେ ଷଡ଼ଯନ୍ତ୍ର କଲେ ।


# ଯୀଶୁ ଗିରଫ ହୋଇ ବିଚାରିତ ହେଲେ

*ଲୂକ ୨୨; ଯୋହନ ୧୯*

ଦିନେ ରାତିରେ ଯେତେବେଳେ ଯୀଶୁ ଗୋଟିଏ ଉଦ୍ୟାନରେ ପ୍ରାର୍ଥନା କରୁଥିଲେ, ଯିହୁଦୀୟ ଧର୍ମଗୁରୁମାନେ ଯୀଶୁଙ୍କୁ ଗିରଫ କରିବା ପାଇଁ ଖଡ୍ଗ ଓ ବର୍ଚ୍ଛା ଦେଇ ଦଳେ ଲୋକଙ୍କୁ ପଠାଇଲେ ।

**ଶିଷ୍ୟମାନେ କହିଲେ, "ପ୍ରଭୁ, ଆମେ କ'ଣ ଯୁଦ୍ଧ କରିବା ?" ଏହା କହି ଜଣେ ଶିଷ୍ୟ ଗୋଟିଏ ଦାସକୁ ଆଘାତ କରି ତାହାର କାନ କାଟି ପକାଇଲେ ।**

**କିନ୍ତୁ ଯୀଶୁ କହିଲେ, " ଆଉ ପ୍ରତିବାଧା ଦିଅ ନାହିଁ !" ଏହା କହି ସେ ତାହାର କଟା କାନକୁ ଛୁଇଁ ସୁସ୍ଥ କଲେ ।**





''ଆଶ୍ଚର୍ଯ୍ୟ ! ଯୀଶୁ ତାଙ୍କର ଶତ୍ରୁକୁ ମଧ୍ୟ ସୁସ୍ଥ କଲେ ?''

''ହଁ, ମୁନ୍‌ମୁନ୍ । ଯୀଶୁ ସମସ୍ତଙ୍କୁ ପ୍ରେମ କରନ୍ତି ।''

ସେମାନେ ଯୀଶୁଙ୍କୁ ଧରି ପକାଇ ବାନ୍ଧି ନେଇଗଲେ । ସେମାନେ ତାଙ୍କୁ ସେହି ସ୍ଥାନର ଶାସନକର୍ତ୍ତା ପିଲାତଙ୍କ ନିକଟକୁ ନେଇଗଲେ ଏବଂ ତାଙ୍କର ବିଚାର କରାଗଲା । ସୈନ୍ୟମାନେ ଯୀଶୁଙ୍କୁ ପ୍ରହାର କଲେ ଏବଂ ତାଙ୍କ ମୁଣ୍ଡରେ କଣ୍ଟାର ମୁକୁଟ ଥୋଇ ତାଙ୍କୁ ଥଟ୍ଟା ପରିହାସ କଲେ । ତହିଁରେ ପିଲାତ ଲୋକମାନଙ୍କୁ ଏହି କଥା କହିଲେ,

**''ମୁଁ ବର୍ତ୍ତମାନ ତାକୁ ତୁମ୍ଭମାନଙ୍କ ନିକଟକୁ ଆଣିବି, କିନ୍ତୁ ଏକଥା ଭଲଭାବେ ଜାଣ ଯେ, ମୁଁ ତାହାଠାରେ କୌଣସି ଦୋଷ ପାଉନାହିଁ ।''**

**କିନ୍ତୁ ଲୋକମାନେ ଚିତ୍କାର କରି କହିବାକୁ ଲାଗିଲେ, ''ତାକୁ ଦୂର କର, ତାକୁ କ୍ରୁଶରେ ଚଢାଅ ।'' ପରିଶେଷରେ କ୍ରୁଶବିଦ୍ଧ କରାଇବା ପାଇଁ ପିଲାତ ଯୀଶୁଙ୍କୁ ସମର୍ପଣ କରିଦେଲେ ।**

''ଏଇଟା କିନ୍ତୁ ଘୋର ଅନ୍ୟାୟ ! ସେତ କୌଣସି ଭୁଲ କରି ନ ଥିଲେ !''

''ଠିକ୍ କଥା ରାଜୁ, କିନ୍ତୁ ମନେରଖ ଈଶ୍ୱରଙ୍କର ଗୋଟାଏ ଯୋଜନା ଥିଲା ।''

# ଯୀଶୁ କ୍ରୁଶବିଦ୍ଧ ହୋଇ ମୃତ୍ୟୁଭୋଗ କଲେ

ଲୂକ ୨୩

"ସେମାନେ ଯୀଶୁଙ୍କୁ କ୍ରୁଶବିଦ୍ଧ କଲେ !"

ଯୀଶୁ ପ୍ରାର୍ଥନା କରି କହିଲେ, "ହେ ପିତା, ଏମାନଙ୍କୁ କ୍ଷମା କର, କାରଣ ଏମାନେ କ'ଣ କରୁଛନ୍ତି ତାହା ଜାଣନ୍ତି ନାହିଁ ।"

ତାଙ୍କ ସହିତ ଦୁଇଜଣ ଅପରାଧୀ ମଧ୍ୟ କ୍ରୁଶରେ ପ୍ରାଣଦଣ୍ଡ ଭୋଗ କରିଥିଲେ । ଅପରାଧୀମାନଙ୍କ ମଧ୍ୟରୁ ଜଣେ ତାହାଙ୍କୁ ପରିହାସ କରି କହିଲା, "ଓଃ, ତୁମେ ହେଉଛ ତା'ହେଲେ ସେହି ମସୀହ, ନାଁ ?" (ଈଶ୍ୱରଙ୍କ ପୁତ୍ରଙ୍କର ଅନ୍ୟ ନାମ ହେଉଛି ମସୀହ) "ତା'ହେଲେ ନିଜକୁ ଓ ଆମକୁ ରକ୍ଷାକରି ତାହାର ପ୍ରମାଣ ଦିଅ ।"

କିନ୍ତୁ ଅନ୍ୟ ଅପାରାଧୀଜଣକ ତାହାର ପ୍ରତିବାଦ କରି କହିଲା, "ତୁ ମରିବା ସମୟରେ ବି କ'ଣ ଈଶ୍ୱରଙ୍କୁ ଭୟ କରୁ ନାହୁଁ ? ଆମର ମନ୍ଦକର୍ମ ହେତୁ ମୃତ୍ୟୁଦଣ୍ଡ ଆମର ପ୍ରାପ୍ୟ, କିନ୍ତୁ ଏହି ବ୍ୟକ୍ତି ତ କିଛି ଭୁଲ କରି ନାହାନ୍ତି ।"

ତା'ପରେ ସେ ଯୀଶୁଙ୍କୁ କହିଲା, "ହେ ଯୀଶୁ, ଆପଣ ନିଜ ରାଜ୍ୟକୁ ଆସିଲେ ମତେ ଟିକେ ମନେ ପକାଇବେ ।"

ଯୀଶୁ ଉତ୍ତର ଦେଇ କହିଲେ, "ମୁଁ ନିଶ୍ଚିତ ରୂପେ କହୁଛି, ତୁମେ ଆଜି ମୋ ସହିତ ପାରଦୀଶରେ ଉପସ୍ଥିତ ହେବ ।"


"ତା' ମାନେ ସେ ମଲାପରେ ଯୀଶୁଙ୍କ ସଙ୍ଗେ ରହିବ ?"

"ହଁ, ତୁ ଠିକ୍ କହୁଛୁ ମୁନ୍‌ମୁନ୍ ।"

"ପରେ ଯୀଶୁ ପିତା ଈଶ୍ୱରଙ୍କ ନିକଟରେ ଚିତ୍କାର କରି ମୃତ୍ୟୁଭୋଗ କଲେ ।"

"ଆଚ୍ଛା ବାପା, ଈଶ୍ୱରଙ୍କର ଯୋଜନାର ସେହି ବ୍ୟକ୍ତି କ'ଣ ଯୀଶୁ ଅଟନ୍ତି ?"

"ତୁ ଠିକ୍ କହିଛୁ ରାଜୁ । ଈଶ୍ୱର ତାଙ୍କର ନିଷ୍ପାପ ପୁତ୍ର ଯୀଶୁଙ୍କୁ ପଠାଇଲେ ଯେ କି ଆମ୍ଭମାନଙ୍କ ପାପର ଦଣ୍ଡ ସ୍ୱରୂପେ ମୃତ୍ୟୁଭୋଗ କଲେ ।"





# ଯୀଶୁ ଜୀବିତ

*ମାଥିଉ ୨୮, ଲୂକ ୨୪*

ଯୀଶୁଙ୍କର ମୃତ ଶରୀରକୁ ତାଙ୍କର ବନ୍ଧୁମାନେ ଏକ ସମାଧିରେ ରଖିଲେ ।

ସପ୍ତାହର ପ୍ରଥମ ଦିନର ଅତି ପ୍ରତ୍ୟୁଷରେ ଦୁଇଜଣ ନାରୀ ସମାଧି ନିକଟକୁ ଗଲେ ।

ହଠାତ୍ ସେଠାରେ ଏକ ମହା ଭୂମିକମ୍ପ ହେଲା, କାରଣ ପ୍ରଭୁଙ୍କର ଜଣେ ଦୂତ ସ୍ୱର୍ଗରୁ ଓହ୍ଲାଇ ଆସି ସମାଧି ମୁହଁରେ ଢଙ୍କା ଯାଇଥିବା ବିରାଟ ପଥରଟିକୁ ଗଡାଇ ଦେଲେ ।

ସ୍ୱର୍ଗଦୂତ କହିଲେ, ‘‘ଭୟକର ନାହିଁ । ମୁଁ ଜାଣେ କ୍ରୁଶାର୍ପିତ ହୋଇଥିବା ଯୀଶୁଙ୍କୁ ତୁମ୍ଭେମାନେ ଖୋଜୁଛ । ସେ ଏଠାରେ ନାହାନ୍ତି, ସେ ଯେପରି କହିଥିଲେ ସେହି ପ୍ରକାରେ ମୃତ୍ୟୁରୁ ଉଠି ଅଛନ୍ତି । ଏବେ ଶିଘ୍ର ଯାଇ ତାହାଙ୍କ ଶିଷ୍ୟମାନଙ୍କୁ ଏହି ସମ୍ବାଦ ଦିଅ ।’’




‘‘ବେଶ୍ ବଢ଼ିଆ ତ !’’

‘‘ଠିକ୍ କଥା ରାଜୁ । ଆମ୍ଭମାନଙ୍କ ପାପର ରଣ ପରିଶୋଧ କଲାପରେ ଈଶ୍ୱର ତାଙ୍କୁ ମୃତମାନଙ୍କ ମଧ୍ୟରୁ ଉଠାଇଲେ । ମୂଳରୁ ଏହାହିଁ ଥିଲା ଈଶ୍ୱରଙ୍କ ଯୋଜନା ।’’

ପରେ, ଯେତେବେଳେ ଶିଷ୍ୟମାନେ ଏ ସମ୍ପର୍କରେ କଥାବାର୍ତ୍ତା ହେଉଥିଲେ, ସେତେବେଳେ ଯୀଶୁ ହଠାତ୍ ନିଜେ ଆସି ସେମାନଙ୍କ ଆଗରେ ଉଭା ହେଲେ । ସେ ସେମାନଙ୍କୁ କହିଲେ, ‘‘ତୁମ୍ଭମାନଙ୍କର ଶାନ୍ତି ହେଉ ।’’ କିନ୍ତୁ ସେମାନେ ଗୋଟିଏ ଭୂତ ଦେଖୁଛନ୍ତି ବୋଲି ଭାବି ଅତିଶୟ ଡରିଗଲେ ।

ସେ ସେମାନଙ୍କୁ ପଚାରିଲେ, ‘‘ତୁମ୍ଭେମାନେ କାହିଁକି ଭୟଭୀତ ହେଉଛ ?’’ ମୋର ହାତକୁ ଦେଖ ମୋର ପାଦକୁ ଦେଖ । ଦେଖିଲେ ତୁମେ ବୁଝି ପାରିବ ଯେ ଏହା ବାସ୍ତବରେ ମୁଁ । ମତେ ଛୁଅଁ ଓ ନିଶ୍ଚିତ ଭାବେ ଜାଣ ଯେ, ମୁଁ ଭୂତ ନୁହେଁ ।’’





# ଆଜି ଯୀଶୁ କେଉଁଠାରେ ?

*ଯୋହନ ୧୬, ପ୍ରେରିତ ୧*

‘‘ଅନେକ ସପ୍ତାହ ଧରି ଯୀଶୁ ତାଙ୍କ ଶିଷ୍ୟମାନଙ୍କ ସହିତ ରହିଲେ ।’’

‘‘ସେମାନେ ତ ତାହାହେଲେ ଖୁବ୍ ଖୁସି ହୋଇଥିବେ ।’’


‘‘ଆଚ୍ଛା ବାପା, ବର୍ତ୍ତମାନ ଯୀଶୁ କେଉଁଠି ଅଛନ୍ତି ?’’


‘‘ତୁ ଖୁବ୍ ସୁନ୍ଦର ପ୍ରଶ୍ନଟିଏ ପଚାରିଛୁ ମୁନ୍‌ମୁନ୍’’ । ଯୀଶୁ କହିଲେ, ‘‘ମୁଁ ଚାଲିଯିବାଟା ତୁମମାନଙ୍କ ପାଇଁ ସବୁଠାରୁ ହିତଜନକ ହେବ, କାରଣ ମୁଁ ଯଦି ନ ଯାଏ ତେବେ ପବିତ୍ର ଆତ୍ମା ଆସିବେ ନାହିଁ । ମୁଁ ଚାଲିଗଲେ ସେ ତୁମ୍ଭମାନଙ୍କ ନିକଟକୁ ଆସିବେ, କାରଣ ମୁଁ ଯାଇ ତାଙ୍କୁ ପଠାଇବି ।’’




ଯେତେବେଳେ ଯୀଶୁ ଶିଷ୍ୟମାନଙ୍କ ସହିତ କଥାବାର୍ତ୍ତା କରି ସାରିଲେ, ସେମାନେ ଲକ୍ଷ୍ୟ କଲେ ଯୀଶୁ ଉପରକୁ ଉଠୁଛନ୍ତି ଏବଂ କିଛିକ୍ଷଣ ପରେ ଆକାଶରେ ଏକ ମେଘ ମଧ୍ୟରେ ସେ ଅଦୃଶ୍ୟ ହୋଇଗଲେ । ହଠାତ୍ ଦୁଇଜଣ ସ୍ୱର୍ଗଦୂତ ସେଠାରେ ଉଭା ହୋଇ ତାଙ୍କୁ କହିଲେ, **"ଯୀଶୁଙ୍କୁ ତୁମ ପାଖରୁ ସ୍ୱର୍ଗକୁ ନିଆଯାଇଛି ଏବଂ ତୁମେ ତାଙ୍କୁ ଯେଉଁପରି ଭାବରେ ଯିବାର ଦେଖିଲ, ସେ ଦିନେ ସେହିପରି ଭାବରେ ପୁଣି ଫେରି ଆସିବେ ।"**

ସମସ୍ତ ଈଶ୍ୱରଙ୍କ ସନ୍ତାନମାନଙ୍କ ପାଇଁ ଦିନେ ଯୀଶୁ ଜଗତକୁ ପୁଣି ଫେରି ଆସିବେ । ଯେଉଁମାନେ ବିଶ୍ୱାସ କରନ୍ତି ଯେ ଯୀଶୁ ସେମାନଙ୍କ ପାଇଁ ମଲେ, ଏବଂ ଯେଉଁମାନଙ୍କର ପାପ କ୍ଷମା ହୋଇଛି, ସେହିମାନେ ହିଁ ଈଶ୍ୱରଙ୍କର ସନ୍ତାନ । ସେତେବେଳେ ଆମେ ତାଙ୍କ ସହିତ ଚିରଦିନ ବାସ କରିବୁ । ଈଶ୍ୱରଙ୍କ ପ୍ରେମଠାରୁ ଆମ୍ଭମାନଙ୍କୁ କେହି ହେଲେ ପୃଥକ କରି ପାରିବ ନାହିଁ ।


ମୁଁ ଈଶ୍ୱରଙ୍କ ସନ୍ତାନ ହେବି ଓ ତାଙ୍କ ସଙ୍ଗେ ସଦା ରହିବି ।
ବାସ୍ତବିକ ରାଜୁ, ଏହା ହେଉଛି ଜୀବନର ସବୁଠାରୁ ବଡ଼ ସିଦ୍ଧାନ୍ତ ! ବାଇବଲ କହେ ଯେ, ପାପ ଆମ୍ଭମାନଙ୍କୁ ଈଶ୍ୱରଙ୍କଠାରୁ ବିଚ୍ଛିନ୍ନ କରେ । ଏହା ଆହୁରି ମଧ୍ୟ କହେ ଯେ, ''ଯୀଶୁ ଯେ ପ୍ରଭୁ ଅଟନ୍ତି ଏହା ଯେବେ ମୁଖରେ ସ୍ୱୀକାର କର ଏବଂ ଈଶ୍ୱର ତାଙ୍କୁ ମୃତମାନଙ୍କ ମଧ୍ୟରୁ ଉଠାଇଛନ୍ତି ବୋଲି ଯଦି ହୃଦୟରେ ବିଶ୍ୱାସ କର, ତା'ହେଲେ ତୁମେ ପରିତ୍ରାଣ ପାଇବ । କାରଣ ହୃଦୟରେ ବିଶ୍ୱାସ କରିବା ଦ୍ୱାରା ତୁମେ ଈଶ୍ୱରଙ୍କ ସହ ମିଳିତ ହେବ ଓ ମୁଖରେ ବିଶ୍ୱାସ କରିବା ଦ୍ୱାରା ପରିତ୍ରାଣପ୍ରାପ୍ତ ହେବ'' ।
ରୋମୀ ୧୦:୯-୧୦
ମୁଁ ଯେ ଯୀଶୁଙ୍କୁ ବିଶ୍ୱାସ କରେ ମୁଁ ଏ କଥା ଜୋର୍ ଦେଇ କହିପାରେ !
ତା'ହେଲେ ଚାଲ ରାଜୁ, ଆମେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରିବା । ସେ ଆମର ପ୍ରାର୍ଥନା ଶୁଣନ୍ତି ଓ ଉତ୍ତର ଦିଅନ୍ତି । ତୁ ମୋ ସହିତ ଏହି ପ୍ରାର୍ଥନା କର ।


ପ୍ରିୟ ପ୍ରଭୁ, ମୁଁ ଜାଣେ ମୁଁ ପାପୀ । ମୁଁ ଅନେକ ଭୁଲ୍ କାର୍ଯ୍ୟ କରିଛି ଓ
ମନ୍ଦ ପଥରେ ଯାଇଛି; ସେଥିପାଇଁ ମୁଁ ଦୁଃଖିତ । ଦୟାକରି ମୋତେ କ୍ଷମା
ଦିଅ । ମୁଁ ବିଶ୍ୱାସ କରେ ତୁମର ପୁତ୍ର ପ୍ରଭୁ ଯୀଶୁ ଖ୍ରୀଷ୍ଟ ମୋ'ର ପାପ
ସକାଶେ ମୃତ୍ୟୁଭୋଗ କଲେ ଓ
ତୁମେ ତାଙ୍କୁ ମୃତ୍ୟୁରୁ ଉଠାଇଲ । ମୁଁ
ଚାହେଁ ଯୀଶୁ ମୋର ପ୍ରଭୁ ହୁଅନ୍ତୁ ।
ମୋତେ ପ୍ରେମ କରୁଥିବାରୁ ଓ
ମୋତେ ତୁମର ସନ୍ତାନ କରିଥିବାରୁ
ମୁଁ ତୁମକୁ ଧନ୍ୟବାଦ ଦେଉଛି । ମୋ
ହୃଦୟକୁ ପବିତ୍ରଆତ୍ମାଙ୍କ ଦ୍ୱାରା ପୂର୍ଣ୍ଣ
କର, ଯେପରିକି ତୁମର ବାଧ୍ୟ ହେବା
ନିମନ୍ତେ ମୁଁ ଶକ୍ତି ପାଇବି । ଆମେନ୍ ।


ଦେଖ, ମୁଁ ବର୍ତ୍ତମାନ ଈଶ୍ୱରଙ୍କ ସନ୍ତାନ
ବିଲ୍‌କୁଲ୍ ଠିକ୍
ମନେ ରଖ, ଈଶ୍ୱରଙ୍କୁ ଭଲରୂପେ ଜାଣିବା ପାଇଁ ତାଙ୍କ ସହିତ ପ୍ରାର୍ଥନାରେ କଥା କୁହ ଓ ତାଙ୍କର ପୁସ୍ତକ ବାଇବଲ ପାଠ କର । ବାଇବଲ ଦେଇ ଈଶ୍ୱର ତୁମ ସହିତ କଥା କୁହନ୍ତି ଏବଂ କେଉଁ କେଉଁ କାମ ସେ ତୁମ ପାଇଁ ରଖିଛନ୍ତି ତାହା ଜଣାନ୍ତି ।
ସେ ସବୁ କ'ଣ କ'ଣ ବାପା ?
ଈଶ୍ୱରଙ୍କୁ ପ୍ରେମ କଲେ, ଅନ୍ୟମାନଙ୍କୁ ଯୀଶୁଙ୍କ ବିଷୟ କହିବାକୁ ହେବ ଓ ଈଶ୍ୱରଙ୍କ ପ୍ରେମ ପ୍ରକାଶ କରିବାକୁ ହେବ ।
ପ୍ରଭୁ ଯୀଶୁ ତାଙ୍କର ଅନୁଗାମୀମାନଙ୍କୁ ଏହି ଆଜ୍ଞା ଦେଇଛନ୍ତି, ''ଯାଅ ଲୋକମାନଙ୍କୁ ମୋର ଶିଷ୍ୟ କର... । ମୁଁ ଯେଉଁ ସବୁ ଆଜ୍ଞା ଦେଇଛି ସେହି ସବୁ ପାଳନ କରିବା ପାଇଁ ସେମାନଙ୍କୁ ଶିକ୍ଷା ଦିଅ ।''
ମାଥିଉ ୨୮:୧୯-୨୦


ଯୀଶୁ ସ୍ୱର୍ଗାରୋହଣ କରିବା ପରେ, ସେ ପବିତ୍ରଆତ୍ମାଙ୍କୁ ପ୍ରେରଣ କରିଛନ୍ତି । ଅନ୍ୟମାନଙ୍କୁ ଯୀଶୁଙ୍କ କଥା କହିବା ପାଇଁ ସେ ତୋତେ ଶିକ୍ଷା ଦେବେ, ଚାଳନା ଦେବେ ଓ ବିଶେଷ ଶକ୍ତି ମଧ୍ୟ ଦେବେ ।
ମୁଁ ମୋ'ର ସାଙ୍ଗମାନଙ୍କୁ କହିବି ।
ଦେଖ, ଶ୍ରେଷ୍ଠ ବିଷୟଟି ମୋ ପ୍ରତି ଘଟିଛି । ତୁମ ପ୍ରତି ମଧ୍ୟ ତାହା ଘଟିପାରେ । ମୋ'ପରି ତୁମେ ମଧ୍ୟ ବିଶ୍ୱାସ କରିପାର ଓ ସିଦ୍ଧାନ୍ତ ନେଇପାର । ପ୍ରାର୍ଥନା କଲେ ଈଶ୍ୱର ନିଶ୍ଚୟ ତୁମର ପ୍ରାର୍ଥନା ଶୁଣିବେ, କାରଣ ସେ ତୁମକୁ ପ୍ରେମ କରନ୍ତି । ସେ ତୁମକୁ କ୍ଷମା ଦେବେ ଓ ତୁମକୁ ତାଙ୍କର ସନ୍ତାନ କରିବେ ।

# ଈଶ୍ୱରଙ୍କର ପୁସ୍ତକ ପାଠ କର
# ଏବଂ ଜୀବନର ସବୁଠାରୁ ରୋମାଞ୍ଚକର
# ଅନୁଭୂତି ଲାଭ କର ।



ଅଧିକ ବିବରଣୀ ଜାଣିବା ପାଇଁ ସ୍ଥାନୀୟ ଠିକଣା ସହ ଯୋଗଯୋଗ କରନ୍ତୁ ।

Copyright © 1996 World Serve Ministries. All rights reserved
First published in Oriya, 1996. Printed in India, 2000

*Oriya*

ORIY 504